# ଆମ ବିରୋଧୀ ଦଳ ଓ ତା'ର ନେତାମାନେ...

**ଆମ ଘରର ହାଲ୍‌ଚାଲ୍**

ସୌମ୍ୟରଂଜନ ପଟ୍ଟନାୟକ

୩୧/୦୭/୨୦୦୯

ସଂସଦୀୟ ଗଣତାନ୍ତ୍ରିକ ବ୍ୟବସ୍ଥାରେ ବିରୋଧୀ ଦଳର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବିଧାନସଭାରେ ବିରୋଧୀ ଦଳର ନେତାଙ୍କୁ ଜଣେ କ୍ୟାବିନେଟ ମନ୍ତ୍ରୀର ମର୍ଯ୍ୟାଦା ଦିଆଯାଇଅଛି। ସେଥିପାଇଁ ସେ ମଧ୍ୟ ବହୁ ସୁବିଧାସୁଯୋଗର ଅଧିକାରୀ ହୋଇଛନ୍ତି। ଏହାର ଏକମାତ୍ର ଉଦ୍ଦେଶ୍ୟ ହେଲା- ସରକାରଙ୍କର ମୁଖ୍ୟ ଭାବରେ ମୁଖ୍ୟମନ୍ତ୍ରୀ ଯେଭଳି ସ୍ୱତନ୍ତ୍ର ମର୍ଯ୍ୟାଦା ଓ ସୁବିଧାର ଅଧିକାରୀ, ବିରୋଧୀ ଦଳର ନେତା ମଧ୍ୟ ଅନୁରୂପ ମର୍ଯ୍ୟାଦା ଓ ସୁବିଧାର ଅଧିକାରୀ ନ ହେଲେ ଗଣତାନ୍ତ୍ରିକ ବ୍ୟବସ୍ଥା ସମୃଦ୍ଧ ହେବନାହିଁ।

ଏହି ପରିପ୍ରେକ୍ଷୀରେ ଆମ ବିରୋଧୀ ଦଳ ଓ ଏହାର ନେତାମାନଙ୍କର ଅବସ୍ଥା ଏବଂ ଆଚରଣ କଥା ବିଚାର କରାଯାଉ। ଅତୀତରେ ଏହି ସ୍ତମ୍ଭରେ କଂଗ୍ରେସ ଦଳକୁ ଆମେ ଏକ 'ଯାତ୍ରାପାର୍ଟି' ବୋଲି କହି ଆଲୋଚନା କରିଥିଲୁ। ଆଶା କରାଯାଉଥିଲା, ଏ ପ୍ରକାର ଟିପ୍ପଣୀକୁ ଆହ୍ୱାନ ଭାବରେ ଗ୍ରହଣ କରି କଂଗ୍ରେସ ଦଳ ନିଜର ସଂଗଠନ ଓ କାର୍ଯ୍ୟକ୍ରମ ମାଧ୍ୟମରେ ଏହାର ଠିକଣା ଜବାବ ଦେବ। କିନ୍ତୁ ଫଳ ଓଲଟା ହେଲା। ପ୍ରଦେଶ କଂଗ୍ରେସ ସଭାପତିଙ୍କ ବ୍ୟତୀତ  ଅନ୍ୟ କୌଣସି ନୂଆ କର୍ମକର୍ତ୍ତାଙ୍କର ମନୋନୟନ ଏ ପର୍ଯ୍ୟନ୍ତ ହୋଇପାରିଲା ନାହିଁ। ସର୍ବଦା ଗୋଷ୍ଠୀକନ୍ଦଳରେ ଲିପ୍ତ କଂଗ୍ରେସୀ ନେତାମାନେ କେବଳ ଦିଲ୍ଲୀ ଯିବାରେ ବ୍ୟସ୍ତ। ନିଜ ନିଜର ଚିଠା ନେଇ କଂଗ୍ରେସ ହାଇକମାଣ୍ଡଙ୍କ ପାଖରେ ଫେରାଦ ହେବା ଏମାନଙ୍କର ଏକମାତ୍ର କାମ ହୋଇଛି। କଂଗ୍ରେସ ହାଇକମାଣ୍ଡଙ୍କ ଦୃଷ୍ଟିଶକ୍ତିକୁ ତାରିଫ୍ କରିବାକୁ ହେବ। ମୁଷ୍ଟିମେୟ ତୋଷାମଦିଆଙ୍କ ଘେରରେ ରହି ସେମାନଙ୍କ ଚଷମାରେ ସେ ଓଡ଼ିଶାକୁ ଭଲ ଭାବରେ ଦେଖିପାରୁଛନ୍ତି ଏବଂ ସବୁକଥା ଜାଣିପାରୁଛନ୍ତି। ଏକ ଅଭାବନୀୟ ପରିସ୍ଥିତିରେ ଯୁବ କଂଗ୍ରେସର ସଭାପତିଙ୍କୁ ପରିବର୍ତ୍ତନ କରାଗଲା। ପୂର୍ବତନ ଯୁବ କଂଗ୍ରେସ ସଭାପତି ଓ ତାଙ୍କର ସମର୍ଥକମାନେ 'ଶୃଙ୍ଖଳିତ କଂଗ୍ରେସ ସଭ୍ୟ' ଭାବରେ ତାର ବିରୋଧ କରି ନିଜର ଶକ୍ତି ପ୍ରଦର୍ଶନ କଲେ। ନୂଆ ଯୁବ କଂଗ୍ରେସ ସଭାପତି ଦାୟିତ୍ୱ ଗ୍ରହଣ କରି ୧୫ ଦିନ ମଧ୍ୟରେ ତାଙ୍କର ସହଯୋଗୀ କର୍ମକର୍ତ୍ତାମାନଙ୍କର ନାମ ଘୋଷଣା କରିବେ ବୋଲି ଆସ୍ଫାଳନ କଲେ।

ପ୍ରଦେଶ କଂଗ୍ରେସର ସଭାପତି ଏକୁଟିଆ ତ ଯୁବ କଂଗ୍ରେସର ସଭାପତି ମଧ୍ୟ ସହଯୋଗୀଙ୍କ ବିନା ସଂଗଠନ ଦାୟିତ୍ୱ ସମ୍ଭାଳୁଛନ୍ତି। ଛାତ୍ର କଂଗ୍ରେସର ନୂଆ ସଭାପତି କିଏ ହେବ, ସେଥିପାଇଁ କାଳେ ଟଣାଓଟରା ଚାଲିଛି। ପ୍ରଦେଶ ମହିଳା କଂଗ୍ରେସର ନୂଆ ସଭାନେତ୍ରୀଙ୍କୁ ନେଇ କୌଣସି ବିବାଦ ନାହିଁ ବୋଲି ମଧ୍ୟ କହିହେବ ନାହିଁ। ଇତିମଧ୍ୟରେ ଖବର ପ୍ରକାଶ ପାଇଲା ଯେ; ସେବା ଦଳକୁ ଭାଙ୍ଗିଦିଆଯାଇଛି ଏବଂ ଶ୍ରୀ ବିରେନ୍ ପଟ୍ଟନାୟକଙ୍କୁ ଓଡ଼ିଶାରେ ଏହାର ଦାୟିତ୍ୱ ଦିଆଯାଇଛି। ଶ୍ରୀ ବିରେନ୍ ପଟ୍ଟନାୟକ ଗତ ନିର୍ବାଚନରେ କାଳେ ଦଳ ବିରୋଧୀ କାର୍ଯ୍ୟ କରିଥିଲେ ବୋଲି ଅଭିଯୋଗ କରି ଅନ୍ୟ ଏକ ଗୋଷ୍ଠୀ ହାଇକମାଣ୍ଡଙ୍କ ପାଖରେ ଫେରାଦ ହେବାରୁ ତାଙ୍କର ମନୋନୟନ ବାତିଲ୍ ହୋଇଗଲା ବୋଲି ଆଉ ଏକ ଖବରରେ ପ୍ରକାଶ ପାଇଛି। ପ୍ରମୁଖ ବିରୋଧୀ ଦଳ କଂଗ୍ରେସର ଏ ଅବସ୍ଥା ଦେଖି ସ୍ୱାଧୀନତା ସଂଗ୍ରାମ କାଳରୁ କଂଗ୍ରେସ ଦଳରେ ପଡ଼ିରହିଥିବା ବହୁ ଅନୁଗତ କର୍ମୀଙ୍କଠାରୁ ଆରମ୍ଭ କରି ନୂଆ ସମ୍ଭାବନାର ସ୍ୱପ୍ନ ଦେଖୁଥିବା ଯୁବକମାନଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି।

ନିର୍ବାଚନ ପରେ ସର୍ବବୃହତ୍ ଦଳ ହିସାବରେ କଂଗ୍ରେସ ଦଳକୁ ବିରୋଧୀ ଦଳର ମାନ୍ୟତା ମିଳିଲା। ୧୪୭ଟି ଆସନ ବିଶିଷ୍ଟ ବିଧାନସଭାରେ ୨୭ଟି ଆସନରେ କଂଗ୍ରେସ ଜୟଲାଭ କରିଥିଲା। ଭଦ୍ରକର ବିଧାୟକ ବିରେନ୍‌ବାବୁଙ୍କ ମୃତ୍ୟୁ ପରେ କଂଗ୍ରେସ ଦଳର ବର୍ତ୍ତମାନ ୨୫ ଜଣ ବିଧାୟକ ଅଛନ୍ତି। କଂଗ୍ରେସ ବିଧାୟକ ଦଳ ତାଙ୍କର ନେତା ନିର୍ବାଚନ କରିଛନ୍ତି। କଂଗ୍ରେସ ଦଳରେ କିଏ କିପରି ନେତା ହୁଅନ୍ତି, ତାହା ସମସ୍ତଙ୍କୁ ଜଣା। ହାଇକମାଣ୍ଡଙ୍କ ଆଶୀର୍ବାଦ କାଙ୍ଗାଳ ଏଇ ନେତାମାନେ ଯେ ସର୍ବନିମ୍ନ ସ୍ୱାଭିମାନର ଅଧିକାରୀ ନୁହଁନ୍ତି ଏବଂ ନିଜର ଆତ୍ମସମୀକ୍ଷା କରିବାପାଇଁ ଆଦୌ ପ୍ରସ୍ତୁତ ନୁହଁନ୍ତି- ଏକଥା ଭାବିଲାବେଳକୁ ଦୁଃଖ ଲାଗୁଛି। ବିଧାନସଭାରେ ବିଗତ ଅଧିବେଶନଗୁଡ଼ିକରେ କଂଗ୍ରେସ ଦଳର ସେପରି କୌଣସି ଉଲ୍ଲେଖନୀୟ ଅବଦାନ ରହିନାହିଁ। ହୁଏତ ବହୁ ବର୍ଷଧରି କ୍ଷମତାରେ ରହିବା ଫଳରେ ବିରୋଧୀ ଦଳର ଭୂମିକା ସମ୍ପର୍କରେ ଏମାନଙ୍କର ଚୈତନ୍ୟ ଉଦୟ ହୋଇନାହିଁ। ବିଧାନସଭା ଗଠିତ ହେବାର ପ୍ରଥମ ଦିନରୁ ବିରୋଧୀ ଦଳର ନେତାଙ୍କର ବୈଧତାକୁ ନେଇ ବିବାଦ ଲାଗି ରହିଛି। ଗତକାଲି କଂଗ୍ରେସ ବିଧାୟକ ଦଳ ବୈଠକରେ ମାତ୍ର ୧୦ ଜଣ ଉପସ୍ଥିତ ଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ବିରୋଧୀ ଦଳର ମାନ୍ୟତା ପାଇବାପାଇଁ ଓଡ଼ିଶା ବିଧାନସଭାରେ ସର୍ବନିମ୍ନ ୧୫ ଜଣ ସଭ୍ୟଙ୍କର ସମର୍ଥନ ଆବଶ୍ୟକ। ଆମ ଜାଣତରେ ଗତ ଦେଢ଼ ବର୍ଷ ମଧ୍ୟରେ ରମାକାନ୍ତବାବୁଙ୍କ ଆହୂତ ସଭାରେ କେବେହେଲେ ୧୫ ଜଣ ସଭ୍ୟ ଉପସ୍ଥିତ ହୋଇନାହାନ୍ତି। ଏହା କି ସଙ୍କେତ ଦେଉଛି ? ରମାବାବୁଙ୍କର ବିରୋଧୀ ଦଳ ନେତା ପଦରେ ରହିବା ପାଇଁ କିଛି ନୈତିକ ଯୁକ୍ତି ଅଛିକି ? ଏହାଦ୍ୱାରା ବିଧାନସଭାରେ କଂଗ୍ରେସ ଦଳ ନିଜ ଦୁର୍ବଳତାକୁ ବିଜ୍ଞାପିତ କରୁନାହିଁ କି ? ବିଜେପି ଓ ବିଜେଡି ମେଣ୍ଟର ଆଭ୍ୟନ୍ତରୀଣ କନ୍ଦଳ ଏବଂ ସରକାରଙ୍କର ଅପାରଗତାକୁ ଏହା ଗୌଣ କରିଦେଉନାହିଁକି ? ବିରୋଧୀ ଦଳର ପ୍ରଶ୍ନବାଣ ଏବଂ ବିଧାନସଭାର ଆଲୋଚନା ଆମ ଗଣତନ୍ତ୍ରକୁ ଜୀବନ୍ତ କରିଥାଏ। ତାହା ପ୍ରାୟ ହୋଇପାରୁନାହିଁ। ବହୁଧା ବିଭକ୍ତ ଏବଂ ଗୋଷ୍ଠୀ କନ୍ଦଳରେ ଲିପ୍ତ ଦଳର ଦୁର୍ବଳ ନେତୃତ୍ୱ ବନ୍ୟାକ୍ଲିଷ୍ଟ ଓଡ଼ିଶାର ସମସ୍ୟାକୁ କିପରି ଉପସ୍ଥାପିତ କରିବ ? ଅପାରଗ ସରକାରର ଦୋଷଦୁର୍ବଳତାକୁ କେଉଁ ନୈତିକ ସାହସରେ ସମାଲୋଚନା କରିବ ? ଏହାଠାରୁ କ'ଣ ଅଧିକ ଭଲ ହୁଅନ୍ତା ନାହିଁ ଯଦି ରମାବାବୁ ସଂଖ୍ୟାଧିକ ସଭ୍ୟଙ୍କର ସମର୍ଥନ ଅଭାବ ଦୃଷ୍ଟିରୁ ସ୍ୱଇଚ୍ଛାରେ ନିଜ ପଦରୁ ଇସ୍ତଫା ଦେଇଦିଅନ୍ତେ, ନୂତନ ନେତା ନିର୍ବାଚନକୁ ଅଧିକ ସହଜ ଓ ସୁଗମ କରନ୍ତେ, ତାଙ୍କୁ ଆଶୀର୍ବାଦ ଦେଇ ତାଙ୍କ ମୁଣ୍ଡରେ ସୁନାକଳସ ଢାଳିଥିବା ତାଙ୍କର ରାଜନୈତିକ ଧର୍ମପିତା ଏବଂ ହାଇକମାଣ୍ଡଙ୍କୁ ଏକ ଅସ୍ୱସ୍ତିକର ପରିସ୍ଥିତିରୁ ମୁକୁଳାଇ ପାରନ୍ତେ ? ତାହା ନ କରି ସଂଖ୍ୟାନ୍ୟୂନ ସମର୍ଥକ ସଭ୍ୟଙ୍କର ନେତା ସାଜି କ୍ୟାବିନେଟ୍ ମନ୍ତ୍ରୀର ସୁବିଧାସୁଯୋଗ ଉପଭୋଗ କରି ନିଜକୁ ମୁଖ୍ୟମନ୍ତ୍ରୀଙ୍କର ବିକଳ୍ପ ବୋଲି କହି ବୁଲିବା କେଉଁ ରାଜନୈତିକ ଚରିତ୍ରର ପରିଚୟ ଦେଉଛି ? ଏଭଳି ନିର୍ଲଜ ଏବଂ ଦୁର୍ବଳ ନେତୃତ୍ୱ ଆମ ଗଣତନ୍ତ୍ର ପାଇଁ ବାତ୍ୟା, ମରୁଡ଼ି ଓ ବନ୍ୟା ପରେ ଅନ୍ୟ ଏକ ଅଭିଶାପ କହିଲେ ଅତ୍ୟୁକ୍ତି ହେବନାହିଁ।